# ବରଗଡ଼ ଧନୁଯାତ୍ରା ୨୦୨୨-୨୩ କଳାକାର ଚୟନ ପାଇଁ ବିଜ୍ଞପ୍ତି

## ବିଜ୍ଞାପନ ସଂଖ୍ୟା ୦୧ / ତା ୧୯.୧୦.୨୦୨୨

ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି କ୍ରମେ ଆସନ୍ତା ବରଗଡ଼ ଧନୁଯାତ୍ରା ମଥୁରାନଗରୀର ନିମ୍ନଲିଖିତ ଚରିତ୍ରମାନଙ୍କ ଚୟନ ପାଇଁ ଇଚ୍ଛୁକ ଥିବା କଳାକାରମାନଙ୍କଠାରୁ ଚୟନ ନିମନ୍ତେ ନିର୍ଦ୍ଧାରିତ ଫର୍ମ ରେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଚୟନ ପାଇଁ ଉଦ୍ଦିଷ୍ଟ ଚରିତ୍ରଗୁଡିକ

**୧ ।ମହାରାଜା କଂସ ୨ । ମହାମନ୍ତ୍ରୀ ୩ । ସାର୍ଭକୀ ୪ । ଚାଣୁର ୫ । ମୁଷ୍ଟିକ ୬ । ଅକ୍ରୁର**
**୭ । ଉଗ୍ରସେନ ୮ । ବସୁଦେବ ୯ । ଦେବକୀ ୧୦ । ନାରଦ ୧୧ । ସେନାପତି**

ପ୍ରାର୍ଥୀମାନେ ନିର୍ଦ୍ଧାରିତ ଆବେଦନ ପତ୍ର ବରଗଡ ଜିଲ୍ଲା ୱେବ ସାଇଟ https://bargarh.nic.inରୁ ଡାଉନଲୋଡ କରିପାରିବେ କିମ୍ବା ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟଳୟଠାରୁ କୌଣସି ଏକ ପରିଚୟ ପତ୍ର ର ନକଲ ଦେଇ ଆବେଦନ ପତ୍ର ଗ୍ରହଣ କରିପାରିବେ ।

୧. ଆବେଦନ ପତ୍ରଗୁଡିକ ତା ୨୨.୧୦.୨୦୨୨ ଦିବା ୧୦ ଘଟିକା ଠାରୁ ତା ୩୧.୧୦.୨୦୨୨ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ)ଗ୍ରହଣ କରାଯିବ । ନିର୍ଦ୍ଧାରିତ ସମୟ ପରେ ଗ୍ରହଣ ହୋଇଥିବା ଆବେଦନ ପତ୍ର ଗୁଡ଼ିକ ବିଚାରକୁ ନିଆଯିବ ନାହିଁ ।
୨. ଆବେଦନ ପତ୍ରଗୁଡ଼ିକ ଇ-ମେଲ Bargarhdhauyatramahotsava@gmail.com / ଡାକ କିମ୍ବା ବ୍ୟକ୍ତିଗତ ଭାବରେ ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ଙ୍କ କାର୍ଯ୍ୟଳୟରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରିପାରିବେ ।
୩. ଜଣେ କଳାକାର ସର୍ବାଧିକ ୨ଟି ଭୂମିକା ପାଇଁ ଆବେଦନ କରିପାରିବେ ।
୪. ପ୍ରାର୍ଥୀଙ୍କ ସ୍କ୍ରିପ୍ଟ ବିହୀନ ଖୋଲା ରଙ୍ଗମଞ୍ଚରେ ଅଭିନୟର ଅଭିଜ୍ଞତା ଥିବା ଆବଶ୍ୟକ ।
୫. ଚୟନ ସମୟରେ ଯିବା ଆସିବା ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ଓ ଇଚ୍ଛୁକ କଳାକାରମାନେ ଯଦି ଚାହିଁବେ ଚୟନ ସମୟରେ ନିଜଖର୍ଚ୍ଚରେ ବେଶଭୁଷା ସଜ୍ଜିତ ହୋଇପାରିବେ ।
୬. ଧନୁଯାତ୍ରା ପାଇଁ ମନୋନୀତ କଳାକାରମାନେ ବରଗଡ଼ ଧନୁଯାତ୍ରାରେ ଅଭିନୟ କରୁଥିବା ପର୍ଯ୍ୟନ୍ତ ଅନ୍ୟ କୌଣସି ଧନୁଯାତ୍ରାରେ ସମ୍ପୃକ୍ତ ଭୂମିକାରେ ଅଭିନୟ କରିପାରିବେ ନାହିଁ ।
୭. କଂସ ଭୂମିକା ପାଇଁ ବୟସ ସୀମା ୧୮ ବର୍ଷ ରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
୮. ମନୋନୀତ କଳାକାର ତା ୨୫.୧୧.୨୦୨୨ ଠାରୁ ଧନୁଯାତ୍ରା ସମାପ୍ତ ହେବା ପର୍ଯ୍ୟନ୍ତ ବରଗଡ଼ରେ ଅଭ୍ୟାସ ଓ ଅଭିନୟ ପାଇଁ ଉପଲବ୍ଧ ହେବେ ।
୯. ପ୍ରାର୍ଥୀ ଆବେଦନ ସମୟରେ ସରକାରଙ୍କ ପ୍ରଦତ୍ତ କୌଣସି ଏକ ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର କାର୍ଡ, ପାନ କାର୍ଡ, ପାସପୋର୍ଟ, ବ୍ୟାଙ୍କ ପାସବୁକ ଇତ୍ୟାଦିର ନକଲ ଆବେଦନ ପତ୍ର ସହ ସଂଲଗ୍ନ କରିବେ ।
୧୦. ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି ସ୍ୱଇଚ୍ଛାରେ କୌଣସି କାରଣ ନ ଦର୍ଶାଇ ଉପୋରୋକ୍ତ ସର୍ତ୍ତାବଳୀ କୁ ପରିବର୍ତ୍ତନ କିମ୍ବା ନାକଚ କରିପାରିବେ ।

ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ଆଦେଶ କ୍ରମେ

ସମ୍ପାଦକ
ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବରଗଡ଼ / ସମସ୍ତ ବ୍ଲକ ଏବଂ ଜିଲ୍ଲାର ସମସ୍ତ ପୌରପରିଷଦ ବରଗଡ଼ କାର୍ଯ୍ୟଳୟ ଙ୍କୁ ବ୍ୟାପକ ପ୍ରଚାର ପ୍ରସାର ପାଇଁ ପ୍ରଦାନ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲାପାଳ ତଥା ସଭାପତି ବରଗଡ଼ ଧନୁଯାତ୍ରା ମହୋତ୍ସବ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ସମ୍ପାଦକ
ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତି ,ବରଗଡ଼

# କଳାକାର ଚୟନ ପାଇଁ ଆବେଦନ ଫର୍ମ

୧. କେଉଁ ଭୂମିକା ପାଇଁ ଆବେଦନ କରୁଛନ୍ତି :

୨. ନାମ :

୩. ପିତାଙ୍କ ନାମ :

୪. ସ୍ଥାୟୀ ଠିକଣା :

୫. ବର୍ତମାନ ଠିକଣା ଓ ମୋବାଇଲ ନମ୍ବର :

୬. ଶିକ୍ଷାଗତ ଯୋଗ୍ୟତା :

୭. ବୟସ :

୮.ସ୍ୱାସ୍ଥ୍ୟ ସମନ୍ଧୀୟ ସୂଚନା :

୯. କ୍ରମାନ୍ୱୟ ଭାବରେ କେଉଁ ଭୂମିକରେ କେଉଁ ସ୍ଥାନରେ କେତେ ବର୍ଷ ଖୋଲା ମଞ୍ଚରେ ଅଭିନୟ କରିଛନ୍ତି । :

୧୦ ଅଭିନୟ ଉତ୍କର୍ଷତା ପାଇଁ ପୁରସ୍କୃତ ବା ସମ୍ମାନିତ ହୋଇଥିବାର ବିବରଣୀ :

ମୁଁ ଘୋଷଣା କରୁଅଛି ଯେ ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ ଏବଂ ଧନୁଯାତ୍ରା କଳାକାର ଚୟନ ବିଜ୍ଞାପନ ସଂଖ୍ୟା ୦୧ ତା ୧୯.୧୦.୨୦୨୨ରେ ପ୍ରଦତ୍ତ ସମସ୍ତ ସର୍ତାବଳୀ ମାନିବାକୁ ଅଙ୍ଗୀକାର ବଦ୍ଧ ହେଉଅଛି ।

ତାରିଖ ;

ପ୍ରାର୍ଥୀଙ୍କ ସ୍ୱାକ୍ଷର

ବି.ଦ୍ର. ପ୍ରାର୍ଥୀ ଆବେଦନ ସମୟରେ ସରକାରଙ୍କ ପ୍ରଦତ୍ତ କୌଣସି ଏକ ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର କାର୍ଡ, ପାନ କାର୍ଡ, ପାସପୋର୍ଟ, ବ୍ୟାଙ୍କ ପାସବୁକ ଇତ୍ୟାଦିର ନକଲ ଆବେଦନ ପତ୍ର ସହ ସଂଲଗ୍ନ କରିବେ ।